Indian Journal of Modern Research and Reviews

This Journal is a member of the *'Committee on Publication Ethics'*

Online ISSN:2584-184X

Research Article

ଓଡ଼ିଆ ଭାଷା ଓ ସାହିତ୍ୟକୁ ଆଇନଜୀବୀଙ୍କ ଅବଦାନ

ଡକ୍ଟର ମେନନ ସାହୁ

Assistant Professor, Department of Teacher Education, Utkal University, Bhubaneswar, Odisha, India

Corresponding Author: * ଡକ୍ଟର ମେନନ ସାହୁ

DOI: https://doi.org/10.5281/zenodo.23665474

ପ୍ରବନ୍ଧ ସାରାଂଶ

ସମୟକ୍ରମେ ଓଡ଼ିଆ ଭାଷା ସାହିତ୍ୟକୁ ବିଭିନ୍ନ ଲୋକମାନଙ୍କର ଅବଦାନ ରହିଆସୁଛି । ଏହି ଅବଦାନରେ ଆଇନଜୀବୀମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଲୋକ ଚରିତ୍ର, ଆଇନ୍ ସଂହିତା, ସମାଜ ଚଳଣିକୁ ନିଜର ଦୃଷ୍ଟିଭଙ୍ଗୀରେ ବିଚାର ବିଶ୍ଳେଷଣ କରି ତାକୁ ସାହିତ୍ୟରେ ରୂପ ଦେବାରେ ଏମାନେ କେବେ ଆପଣାର ଇଚ୍ଛାକୁ ବିରୋଧ କରି ନାହାନ୍ତି । ଲୋକନ୍ୟାୟ ଦେବା ସହିତ ସମାଜରେ ଯେତେବେଳେ ଯେଉଁଠି ଯେଉଁ ପ୍ରକାରର ଘଟଣା ଘଟିଥାଏ ଏବଂ ତାକୁ ସାହିତ୍ୟରେ ରୂପ ଦେବାର ଆବଶ୍ୟକ ରହିଥାଏ ସେଠି ମଧ୍ୟ ଏମାନେ ନିଜର ଲେଖା ମାଧ୍ୟମରେ ସାମାଜକୁ ନ୍ୟାୟ ଦେବା ବା ସଚେତନ କରାଇବାରେ ଶତଚେଷ୍ଟା କରିଥାନ୍ତି । ସଂଶ୍ଳିଷ୍ଟ ପ୍ରବନ୍ଧରେ ଓଡ଼ିଆ ସାହିତ୍ୟକୁ ଆଇନଜୀବୀମାନଙ୍କର ଅବଦାନ ସଂପର୍କରେ ଆଲୋଚନା କରାଯାଇଛି । ଆଇନ୍ ପରି ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ରହି ମଧ୍ୟ ଓଡିଆ ଭାଷା ସାହିତ୍ୟ ପ୍ରତି ସେମାନଙ୍କର ଅବଦାନ ବାସ୍ତବରେ ପ୍ରଶଂସନୀୟ ।

Manuscript Information

- **ISSN No:** 2584-184X
- **Received:** 07-08-2026
- **Accepted:** 20-10-2026
- **Published:** 22-10-2026
- **MRR:**4(10); 2026: 207-212
- **©2026, All Rights Reserved**
- **Plagiarism Checked:** Yes
- **Peer Review Process:** Yes

How to Cite this Article

ଡକ୍ଟର ମେନନ ସାହୁ. ଓଡ଼ିଆ ଭାଷା ଓ ସାହିତ୍ୟକୁ ଆଇନଜୀବୀଙ୍କ ଅବଦାନ. Indian J Mod Res Rev. 2026;4(10): 207-212.

Access this Article Online

www.mrrjournal.in

ମୁଖ୍ୟ ଶବ୍ଦ: ଓଡ଼ିଆ ଭାଷା, ଓଡ଼ିଆ ସାହିତ୍ୟ, ଆଇନଜୀବୀ, ସାହିତ୍ୟିକ ଅବଦାନ, ସାମାଜିକ ନ୍ୟାୟ।

© 2026 ଡକ୍ଟର ମେନନ ସାହୁ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

ପ୍ରବନ୍ଧ ଉଦ୍ଦେଶ୍ୟ

ସମ୍ପ୍ରତି ଅନେକ ଆଇନଜୀବୀ ଅଛନ୍ତି ଯେଉଁମାନେ ସାହିତ୍ୟ ପ୍ରତି ରୁଚି ରଖି ତତସମ୍ବନ୍ଧୀୟ ଅନେକ ଲେଖା ଲେଖୁଛନ୍ତି । କିନ୍ତୁ ଏହି ପ୍ରସଙ୍ଗ ଅନାଲୋଚିତ ହେତୁ ବହୁ ପାଠକ ତଥା ସାଧାରଣ ଜନତା ଏ ସମ୍ପର୍କରେ ଅବଗତ ନଥାନ୍ତି । ତେଣୁ ଏ ସମ୍ପର୍କିତ ଆଲୋଚନାର ଯଥାର୍ଥତା ରହିଛି । ସମାଜରେ ବିଭିନ୍ନ ପ୍ରକାରର ଲୋକ ବିଭିନ୍ନ ପଦସ୍ଥରେ ଅବସ୍ଥାପିତ ଅଛନ୍ତି । ସାହିତ୍ୟରେ ରୁଚି ଥିଲେ ମଧ୍ୟ ସମୟ ଓ ଇଚ୍ଛା ଶକ୍ତି ଅଭାବରୁ ସେମାନେ ଲେଖାଲେଖି ପାଇଁ ମନୋନିବେଶ କରି ପାରନ୍ତି ନାହିଁ । ଆଲୋଚ୍ୟ ପ୍ରବନ୍ଧଟି ଏ କ୍ଷେତ୍ରରେ ସେମାନଙ୍କ ପାଇଁ ପ୍ରେରଣା ଦାୟକ ହୋଇପାରେ । ସମାଜରେ କେବଳ ସାହିତ୍ୟ ସହିତ ସଂପୃକ୍ତ ଥିବା ଲୋକ ଯେ କେବଳ ସାହିତ୍ୟ ଲେଖନ୍ତି ତାହା ନୁହେଁ ଏ କ୍ଷେତ୍ରରେ ଅନ୍ୟମାନେ ମଧ୍ୟ ସକ୍ରିୟ ରହିଥାନ୍ତି । ସେହି ଅନ୍ୟମାନଙ୍କ ସମ୍ପୃକ୍ତିକୁ ଆଲୋଚନାଭୁକ୍ତ କରିବାର ଆବଶ୍ୟକତା ରହିଛି । ଏକଥା ନିଶ୍ଚିତ ଯେ ଯିଏ ଥରେ ଯଥାର୍ଥ ସାହିତ୍ୟ ଲେଖାଲେଖି କଲେ ସେ ସାହିତ୍ୟିକ ଭାବରେ ଗ୍ରହଣୀୟ । ତାଙ୍କର ପରିଚୟ ହେଉଛି ସେ ଜଣେ ସାହିତ୍ୟିକ । କିନ୍ତୁ ସେ ଯେଉଁ ସ୍ଥାନ ଓ ପରିସ୍ଥିତିରେ ରହି ସାହିତ୍ୟ ପ୍ରତି ସେବା ଓ କର୍ତ୍ତବ୍ୟ କରୁଛନ୍ତି ବାସ୍ତବରେ ତାହା ଆଲୋଚନାଯୋଗ୍ୟ ।

ପ୍ରବନ୍ଧ

ଓଡ଼ିଆ ସାହିତ୍ୟର ସୃଷ୍ଟି ପ୍ରାରମ୍ଭରୁ ଆର୍ଯ୍ୟ , ଅନାର୍ଯ୍ୟ ,ଶିଖ୍, ମୁସଲିମ୍, ରାଜା , ପଣ୍ଡିତ , ସାଧୁ , ସନ୍ଥ ପ୍ରଭୃତିଙ୍କ ଅବଦାନ ରହି ଆସୁଛି । ଲୋକ ସାହିତ୍ୟ, ଅଭିଲେଖ ସାହିତ୍ୟ , ଚର୍ଯ୍ୟା ସାହିତ୍ୟ, ଠାରୁ ସାରଳାଦାସ ପଞ୍ଚସଖା ଏବଂ ତା'ପର ସାହିତ୍ୟ ଧାରାକୁ ସମୟକ୍ରମରେ ଅନେକ ଲୋକଙ୍କର ହାତ ଓ କଲମ ଉତ୍ସର୍ଗୀକୃତ ହୋଇଛି । ଉନବିଂଶ ଶତାବ୍ଦୀ ପରେ ପରେ ସାହିତ୍ୟ ଲେଖୁଥିବା ବିଭିନ୍ନ ପ୍ରଜାତିର ଲୋକ କ୍ଷେତ୍ରରେ ବିରାଟ ପରିବର୍ତ୍ତନ ଆସିଥିଲା । ସମାଜର ବିଭିନ୍ନ ଶ୍ରେଣୀର ଲୋକେ ସାହିତ୍ୟ ଲେଖିବାକୁ ଆଗ୍ରହୀ ହେଲେ । ଶିକ୍ଷକ, ଡାକ୍ତର, ଇଞ୍ଜିନିୟର, ସ୍ୱାଧୀନତା ସଂଗ୍ରାମୀ, ରାଜନେତା ଠାରୁ ଆରମ୍ଭ କରି ବଡ଼ ବଡ଼ ଅନୁଷ୍ଠାନ ବା ପଦବୀରେ ଥିବା ଲୋକେ ମଧ୍ୟ ସାହିତ୍ୟ ଲେଖାରେ ମନୋନିବେଶ କରିଲେ । ସମାଜ ଓ ଜୀବନକୁ ଯିଏ ଯେତେ ପାଖରୁ ଦେଖିଲା ତା'ଭିତରେ ତତସମ୍ବନ୍ଧୀୟ ଅନୁଭବ, ଅନୁଭୂତି, ଅଭିଜ୍ଞତା ପ୍ରଭୃତି ସେତେ ସଂଚାରିତ ହେଲା । ଫଳରେ ଲୋକ ଯିଏ ହେଉ ନା କାହିଁକି ହାତରେ କାଗଜ କଲମ ହେଉ କିମ୍ବା ସାମାଜିକ ଗଣମାଧ୍ୟମରେ ହେଉ, ସେମାନଙ୍କ ଲେଖା ଚାରିଆଡ଼େ ଘୁରିବୁଲେ । ଆଧୁନିକ ସମୟରେ ଡାକ୍ତର, ଇଞ୍ଜିନିୟର, ରାଜନେତା, ଅଭିନେତା ଠାରୁ ଆରମ୍ଭ କରି ଅତି ସାଧାରଣ ଜୀବନଯାପନ କରୁଥିବା ଲୋକ ମଧ୍ୟ ଲେଖିବାକୁ ଆରମ୍ଭ କଲେଣି । ଏ ଦୃଷ୍ଟିରୁ ଓକିଲ ବା ଆଇନଜୀବୀମାନେ ପଛରେ ନାହାଁନ୍ତି । ଓଡ଼ିଆ ଭାଷା ଓ ସାହିତ୍ୟକୁ ଓକିଲ ବା ଆଇନଜୀବୀମାନଙ୍କର ଅବଦାନ ଯଥେଷ୍ଟ ରହିଛି । ଓଡ଼ିଆ ଭାଷା ଓ ସାହିତ୍ୟର ବିକାଶ ଦିଗରେ ଏମାନଙ୍କ ଭୂମିକା ଅତୁଳନୀୟ ।

ଆଇନ୍ ଶାସ୍ତ୍ରରେ ରହି ସାହିତ୍ୟ ଶାସ୍ତ୍ର ଲେଖିବା ସହଜ କଥା ନୁହେଁ କାରଣ ସାମାଜିକ ଶୃଙ୍ଖଳା ତଥା ସ୍ଥିରତା ଦୃଷ୍ଟିରୁ ଆଇନ୍ ଶାସ୍ତ୍ର କଠୋର, ଅଦୟା , ଅକ୍ଷମା , ଶାସ୍ତି ପ୍ରଭୃତିକୁ ଅଗ୍ରାଧିକାର ଦେଉଥିଲା ବେଳେ ସାହିତ୍ୟ ଶାସ୍ତ୍ର ସେ କ୍ଷେତ୍ରରେ ଅଧିକାଂଶ ସମୟ ତା'ର ସମକକ୍ଷ ହୋଇ ନଥାଏ । ସାଧାରଣ ଭାବରେ ସାହିତ୍ୟ ଦୟା, କ୍ଷମା, ପ୍ରେମ, ଆବେଗ, ସହାନୁଭୂତି, ସମ୍ବେଦନଶୀଳ ପ୍ରଭୃତିର କଥା କହିଥାଏ । ତେଣୁ ଆଇନ୍ ବୃତ୍ତିରେ ରହି ସାହିତ୍ୟରେ ବ୍ରତୀ ହେବା ସାଧାରଣ କଥା ନୁହଁ । ନ୍ୟାୟ ବ୍ୟବସ୍ଥା ଦ୍ୱାରା ସମାଜରେ ସୁସ୍ଥ ଓ ଶୃଙ୍ଖଳାର ବାତାବରଣ ସୃଷ୍ଟି କରିବା ପାଇଁ ଏମାନେ ପ୍ରତ୍ୟକ୍ଷ ଭାବରେ ଯେପରି କାର୍ଯ୍ୟ କରିଥାନ୍ତି ସାହିତ୍ୟ ସୃଷ୍ଟି କରି ପରୋକ୍ଷରେ ମଧ୍ୟ ସେହିପରି ସମାଜର ମଙ୍ଗଳ କରିଥାନ୍ତି । ଆଇନଜୀବୀ ଭାବରେ ଲୋକଙ୍କୁ ପ୍ରତ୍ୟକ୍ଷ ଭାବରେ ଯେପରି ନ୍ୟାୟ ପ୍ରଦାନ କରନ୍ତି ଲେଖକ ଭାବରେ ପରୋକ୍ଷରେ ସେହିପରି ସମାଜିକ ନ୍ୟାୟ ପ୍ରତିଷ୍ଠା ପାଇଁ ପ୍ରୟାସ କରିଥାନ୍ତି । ନିଜର ବଳିଷ୍ଠ ବିଚାର ଶକ୍ତି ବା ଦୃଷ୍ଟିଭଙ୍ଗୀରେ ମନୁଷ୍ୟ, ସାମାଜ ଓ ଜୀବନକୁ ବିଶ୍ଳେଷଣ କରି ତାକୁ ସାହିତ୍ୟ ମାଧ୍ୟମରେ ପରିପ୍ରକାଶ କରିବା କ୍ଷେତ୍ରରେ ଏମାନଙ୍କର ଭୂମିକାକୁ ଅସ୍ୱୀକାର କରିହେବ ନାହିଁ । ଉଭୟ ସ୍ୱାଧୀନତା ପୂର୍ବବର୍ତ୍ତୀ ଓ ପରବର୍ତ୍ତୀ ସମୟରେ ଏମାନଙ୍କ ଲେଖା ଓଡ଼ିଆ ସାହିତ୍ୟର ବିକାଶ ଦିଗରେ ଯଥେଷ୍ଟ ସହାୟକ ହୋଇଛି । ଓକିଲାତି ବୃତ୍ତିରେ ରହି ମଧ୍ୟ ସାହିତ୍ୟ ପ୍ରତି ଏମାନଙ୍କର ଅବଦାନ ବାସ୍ତବିକ ସମ୍ମାନଯୋଗ୍ୟ ତଥା ପ୍ରଶଂସନୀୟ । ଏପରି ମହାନ୍ ବ୍ୟକ୍ତିତ୍ୱ ମଧ୍ୟରେ ଅଛନ୍ତି ମଧୁସୂଦନ ଦାସ, ଗୋପବନ୍ଧୁ ଦାସ, ଗୋପାଳ ଚନ୍ଦ୍ର ପ୍ରହରାଜ, ରାଜକିଶୋର ପଟ୍ଟନାୟକ, ଅଖିଳ ମୋହନ ପଟ୍ଟନାୟକ, ଗୋବିନ୍ଦ ଦାସ, ଗଙ୍ଗାଧର ରଥ ପ୍ରଭୃତି ପ୍ରଧାନ ।

ଉତ୍କଳ ଗୌରବ ମଧୁସୂଦନ ଦାସ

ମଧୁ ବାବୁ ୧୮୪୮ ମସିହା ଅପ୍ରେଲ ୨୮ ତାରିଖରେ କଟକର ସତ୍ୟଭାମାପୁରରେ ଜନ୍ମ ଗ୍ରହଣ କରିଥିଲେ । ଓଡ଼ିଆ ଭାଷା , ଜାତି, ସାହିତ୍ୟ ପ୍ରତି ତାଙ୍କ ଅବଦାନ ଅତୁଳନୀୟ । ଉତ୍କଳ ଜାତି ପାଇଁ ଜୀବନବ୍ୟାପୀ ସେବା କରି ଓଡ଼ିଆଙ୍କ ମନରେ ସେ ଯେଉଁ ଅଭୁଲା ସ୍ମୃତି ଓ କୀର୍ତ୍ତି ଛାଡ଼ି ଯାଇଛନ୍ତି ତାହା କାଳ କାଳକୁ ରହିଥିବ । ମଧୁ ବାବୁ ବୁଦ୍ଧିଜୀବୀ, ଶିକ୍ଷାବିତ୍ ସହିତ କେତେ ଚତୁର ଓକିଲ ଥିଲେ ତାହା ତାଙ୍କ ଜୀବନୀ ସାହିତ୍ୟରୁ ଜଣାପଡ଼େ । ଓକିଲ ବୃତ୍ତି କିପରି ହେବା ଉଚିତ ସେ ସଂପର୍କରେ ସେ ଅନେକ ସମୟରେ ଅନେକ କଥା କହି ଯାଇଛନ୍ତି । ସେ କଲିକତାରେ ଏମ୍.ଏ ପଢୁଥିବାବେଳେ କଲିକତା କୋର୍ଟରେ ଓଡ଼ିଆ ଅନୁବାଦକ ଭାବରେ କାର୍ଯ୍ୟ କରୁଥିଲେ ତା'ପରେ ସେଠି ଓକିଲାତି ପଢି ୧୮୬୮ ମସିହାରେ ଆଇନଜୀବୀ ଭାବରେ ସେଠାକାର ଅଦାଲତରେ ଯୋଗ ଦେଇଥିଲେ । ୧୮୮୩ ମସିହା ବେଳକୁ ସେ ରେଭେନ୍ସା କଲେଜରେ ଆଇନ ଅଧ୍ୟାପକ ଥିଲେ ତେଣୁ ଆନୁମାନିକ ୧୮୮୧/୮୨ ମସିହା ବେଳକୁ ସେ ଓଡ଼ିଶା ଆସି କଟକରେ ଓକିଲାତି ଜୀବନ ଆରମ୍ଭ କରିଥିବେ । ଆଇନଜୀବୀ ଭାବରେ ଲୋକଙ୍କୁ ଯେପରି ନ୍ୟାୟ ଦେଇଛନ୍ତି ସାହିତ୍ୟ ଲେଖି ସେପରି ପାଠକଙ୍କ ମନରେ ଜାତି, ଦେଶ, ଭାଷା ପ୍ରଭୃତି ପ୍ରତି ଉଚ୍ଚ ସୁଭାବନା ସୃଷ୍ଟି କରିଛନ୍ତି । ଲୋକମାନେ ପରସ୍ପର ମଧ୍ୟରେ ଉତ୍ତମ ସଂପର୍କ ରଖି ନିଜ ତଥା ଜାତି ପାଇଁ ସର୍ବଦା ଏକତା ଡୋରୀରେ ବାନ୍ଧି ହେବାକୁ ସେ ସାହିତ୍ୟ ମଧ୍ୟରେ ନିବେଦନ କରିଛନ୍ତି । ତାଙ୍କ ସାହିତ୍ୟ ସର୍ଜନା ମଧ୍ୟରେ ରହିଛି 'ଜାତୀୟ ଗୀତ', 'ଉତ୍କଳ ସନ୍ତାନ', 'ଜନନୀର ଉକ୍ତି', 'ସନ୍ତାନର ଉକ୍ତି' , 'ସମ୍ମିଳନୀ', 'ଜାତି ଇତିହାସ' ଇତ୍ୟାଦି ପ୍ରଧାନ । ତତ୍କାଳୀନ ଓଡ଼ିଶାର ଦୁର୍ଦ୍ଦଶା ଦେଖି ଓଡ଼ିଆମାନଙ୍କ ଭିତରେ ପୂର୍ବ ବୀର, ସାହସ, ସ୍ୱାଭିମାନର ପରିଚୟ ଜାଗ୍ରତ କରିବା ଉଦ୍ଦେଶ୍ୟରେ ସେ ଗାଇ ଉଠିଛନ୍ତି ; ମୋହରି ଜନନୀ ବୀର//ପ୍ରସବିନୀ ଧୂଳିରେ ପଡ଼ିଛି ଦେଖ//ଜନ ସମାଜରେ ଏ ମହୀ

© 2026 ଡକ୍ଟର ମେନନ ସାହୁ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

ମଧରେ//କିପରି ଦେଖାଉ ମୁଖ?// ପୁଣି ଅନ୍ୟତ୍ର ତୋଷାମଦ ଛାଡ଼ି ସ୍ୱାର୍ଥ ପରିହରି//ସତ୍ୟକୁ ଆଶ୍ରୟ କର//ଦୁଇ ଦିନ ପରେ ସ୍ୱାଧୀନ ରାଷ୍ଟ୍ରରେ// ମଙ୍ଗଳ ହୋଇବ ତୋର //, ଜାତି ପ୍ରେମ ବହ୍ନି ପ୍ରଜ୍ୱଳିତ କର // ସ୍ୱାର୍ଥକୁ ଦିଅ ଆହୁତି// ସ୍ୱାର୍ଥମେଧ ଯଜ୍ଞେ ଚାରିଆଡ଼େ ମିଶ // ଛାତିକୁ ଛାତି ମିଶାଇ // । ଉତ୍କଳ ମାଟିରେ ଉତ୍କଳୀୟଙ୍କ ହୃଦୟରେ ଜାତୀୟତାଭାବ ସୃଷ୍ଟି କରାଇବାରେ ମଧୁ ବାବୁ ଥିଲେ ଅନ୍ୟତମ ସାହିତ୍ୟିକ ବା ଆଇନଜୀବୀ ।

ଉତ୍କଳମଣି ଗୋପବନ୍ଧୁ ଦାସ

ଗୋପବନ୍ଧୁ ଦାସ ବି.ଏ ପଢି ସାରିବା ପରେ ପୁରୀ ଫେରି ଆସିଥିଲେ । ସେଠାରେ ତାଙ୍କର ପୁଣି ଥରେ ମୁକ୍ତାର ରାମଚନ୍ଦ୍ରଙ୍କ ସହିତ ସାକ୍ଷାତ ହୋଇଥିଲା । ରାମଚନ୍ଦ୍ର ଗୋପବନ୍ଧୁଙ୍କୁ ଭବିଷ୍ୟତ ଜୀବନ ଉପରେ ପ୍ରଶ୍ନ କରିବାରୁ ସେ ଚାକିରି ନକରି ସ୍ୱାଧୀନ ଭାବରେ ବଞ୍ଚିବାକୁ ଇଚ୍ଛା ପ୍ରକାଶ କରିଥିଲେ । ଏହା ଶୁଣି ରାମଚନ୍ଦ୍ର ପରାମର୍ଶ ସ୍ୱରୂପ କହିଥିଲେ "ସ୍ୱାଧୀନ ଜୀବନ ପାଇଁ ଏକ ଅବଲମ୍ବନ ଓ ପାଥେୟ ଦରକାର । ରାଜନୈତିକ କାର୍ଯ୍ୟକଳାପରେ ଯୋଗ ଦେବାକୁ ହେଲେ ଆଇନ୍ ଜ୍ଞାନରେ ପରିପକ୍ୱତା ହାସଲ କରିବା ଉଚିତ, ତୁମେ ଆଇନ ପଢ଼ିବାକୁ ଯାଅ । (ମିଶ୍ର, ନରସିଂହ, ଲୋକବନ୍ଧୁ ଗୋପବନ୍ଧୁ, ପୃଷ୍ଠା ୧୦)

ରାମଚନ୍ଦ୍ରଙ୍କ ପରାମର୍ଶରେ ଗୋପବନ୍ଧୁ ଆଇନ୍ ପାଠ ପଢିବା ପାଇଁ କଲିକତା ଗଲେ । ସେଠାରୁ ସେ ୧୯୦୭ ମସିହାରେ ଓକିଲାତି ପାସ୍ କରିଥିଲେ । ମଧୁ ବାବୁ ଓ ପ୍ରହରାଜଙ୍କ ଅନୁରୋଧକ୍ରମେ ସେ ମୟୁରଭଞ୍ଜ ରାଜାଙ୍କ ସରକାରୀ ଓକିଲ ଭାବରେ କାର୍ଯ୍ୟ କରିଥିଲେ ଏବଂ ପରେ ସେଠାକାର ଶାସନ କାର୍ଯ୍ୟ ପରାମର୍ଶଦାତା ଭାବରେ ମଧ ନିଯୁକ୍ତି ହୋଇଥିଲେ । ଗୋପବନ୍ଧୁଙ୍କ ଆଇନ୍ ଜ୍ଞାନ ତତ୍କାଳୀନ ମୟୁରଭଞ୍ଜ ରାଜା ରାମଚନ୍ଦ୍ର ଭଞ୍ଜଙ୍କୁ ଅତ୍ୟନ୍ତ ମୁଗ୍ଧ କରିଥିଲା । ନିଜର ଦୂରଦୃଷ୍ଟି ବଳରେ ସେ ସେଠାକାର ଶାସନରେ ବହୁ ସଂସ୍କାର ଆଣିଥିଲେ । ୧୯୧୦ ମସିହାରେ ଶାସନ ପରିଷଦରେ ସ୍ଥିର ହେଲା ଯେ, ରାଜ୍ୟର ସରକାରୀ ଓକିଲ ତଥା ଆଇନ୍ ପରାମର୍ଶଦାତା ଗୋପବନ୍ଧୁ ଦାସ ସଭ୍ୟ ରୂପରେ କାର୍ଯ୍ୟ କରିବେ ଏବଂ ତାହା ମଧ ହେଲା । ପରେ ପରିସ୍ଥିତିକ୍ରମେ ସେ ମୟୁରଭଞ୍ଜରୁ ଆସି କଟକରେ ଓକିଲାତି କରିଥିଲେ ।

ଗୋପବନ୍ଧୁଙ୍କ ଆଇନ୍ ସେବାରେ ଯେପରି ପାରଙ୍ଗମ ଥିଲେ ସାହିତ୍ୟ ସେବାରେ ମଧ ସେପରି ପତିପ୍ରତି ଥିଲେ । ସ୍ୱକୀୟ ଦୃଷ୍ଟିଭଙ୍ଗୀରେ ସେ ରଚନା କରିଛନ୍ତି ଅମୂଲ୍ୟ ସାହିତ୍ୟ ଗ୍ରନ୍ଥ । ମାନବ ପୂଜା ହିଁ ଈଶ୍ୱର ପୂଜା ଏହା ତାଙ୍କ ସାହିତ୍ୟର ମୂଳମନ୍ତ୍ର । ସୃଷ୍ଟି ତତ୍ତ୍ୱ , ଜୀବଜଗତ, ମାନବଧର୍ମ, ପ୍ରକୃତି, ସ୍ୱଦେଶୀ ପ୍ରୀତି, ଆଧାତ୍ମିକ, ଦାର୍ଶନିକ, ପ୍ରଭୃତି ହେଉଛି ତାଙ୍କ ସାହିତ୍ୟର ଅନ୍ୟତମ ବୈଶିଷ୍ଟ୍ୟ । ଗୋପବନ୍ଧୁ ଦାସ କାବ୍ୟ, କବିତା, ପ୍ରବନ୍ଧ, ସାହିତ୍ୟାଲୋଚନା ଆଦି କ୍ଷେତ୍ରରେ କଲମ ଚାଳନା କରି ଓଡ଼ିଆ ସାହିତ୍ୟ ଜଗତକୁ ରୁଦ୍ଧିମନ୍ତ କରିଥିଲେ । ତାଙ୍କର ପ୍ରଥମ କବିତା ସଂକଳନ 'ଅବକାଶ ଚିନ୍ତା' । ଏଥିରେ ପ୍ରକୃତି, ସ୍ୱଦେଶ ପ୍ରୀତି, ଈଶ୍ୱର ପ୍ରେମ, ମାନବୀୟ ଚେତନାର ଅପୂର୍ବ ସମନ୍ୱୟ ରହିଛି । ସେଥିପାଇଁ ସେ ଚିଲିକାର ପ୍ରାକୃତିକ ମନୋରମ ଦୃଶ୍ୟ ଦେଖି ଲେଖିଛନ୍ତି , ଉତ୍କଳର ତୁହି ସୌନ୍ଦର୍ଯ୍ୟର ଖଣି // ସାରସ୍ୱତ ନେତ୍ରେ ବାଛୁ ତହିଁ ମଣି । ସେହିପରି ବିରାଟ ମାନବୀୟ ଭାବନା ରଖି ଆମେ ସବୁ ଈଶ୍ୱରଙ୍କ ସନ୍ତାନ । ଦେଶ, ଜାତି, ସମାଜର ହିତ ପାଇଁ ସବୁ ସ୍ୱାର୍ଥାଭିମାନ ଭୁଲି ଆମେ ଏକତ୍ର ହୋଇ ଏକ ଉଦ୍ଦେଶ୍ୟରେ କାର୍ଯ୍ୟ କରିବା ଉଚିତ । ତାଙ୍କ ଭାଷାରେ, ସର୍ବେ ଆମେ ଏକ ଈଶ୍ୱର ସନ୍ତାନ// ସାଧ ବିଶ୍ୱହିତ ତେଜି ଅଭିମାନ// । ବନ୍ଦୀ ଜୀବନରେ 'ବନ୍ଦୀର ଆତ୍ମକଥା' ଓ 'କାରା କବିତା' ଲେଖି ଉତ୍କଳୀୟ ଜନଗଣରେ ଯେଉଁ ଛାପ ଛାଡ଼ି ଯାଇଛନ୍ତି ତାହା କାଳ କାଳକୁ ତାଙ୍କୁ ଅମର କରି ରଖିଥିବ । କବିଙ୍କ ସାହିତ୍ୟ ଲେଖାରୁ ଉତ୍କଳୀୟ ଗୌରବ, ଜାତୀୟପ୍ରୀତି, ମାନବିକତା , ବିଭୁପ୍ରେମ ପ୍ରଭୃତିକୁ ହୃଦୟଙ୍ଗମ କରିହୁଏ । ହିନ୍ଦୁ ଧର୍ମ ବା ଭାରତୀୟ ସଂସ୍କୃତିରେ ଗୋମାତା ସ୍ଥାନ ସ୍ୱତନ୍ତ୍ର ରହିଛି । ଗୋମାତାଙ୍କ ସେବା, ସୁରକ୍ଷା ଓ ଉନ୍ନତି ପାଇଁ ସେ 'ଗୋ ମାହାତ୍ମ୍ୟ' ନାମକ ଏକ ଗ୍ରନ୍ଥ ରଚନା କରିଥିଲେ । ନଚିକେତାଙ୍କ ଜୀବନାଦର୍ଶ ଓ ଉପନିଷଦର ବ୍ରହ୍ମ ତତ୍ତ୍ୱକୁ ସାଧାରଣ ଜନତାଙ୍କ ସମ୍ମୁଖରେ ଉପସ୍ଥିତ କରାଇ ଲୋକ ତଥା ପାଠକ ମନରେ ଆଧାତ୍ମିକତା ଭାବନା ସୃଷ୍ଟି କରିବା ସହିତ ଲୋକଚରିତ୍ର ଓ ଆଦର୍ଶ ଜୀବନ କିପରି ଗଠିତ ହୋଇପାରିବ ସେ କ୍ଷେତ୍ରରେ 'ନଚିକେତା ଉବାଚ' ତାଙ୍କୁ ଯଥେଷ୍ଟ ସଫଳତା ଦେଇଛି ।

ଓଡ଼ିଆ ପ୍ରବନ୍ଧ ସାହିତ୍ୟକୁ ମଧ ତାଙ୍କର ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି । ଜାତିର ଉନ୍ନତି ପାଇଁ ଜୀବନବ୍ୟାପୀ ସଂଗ୍ରାମ କରିଥିବା ପୁଣ୍ୟାତ୍ମା ଗୋପବନ୍ଧୁଙ୍କର ମହତ୍ ଉଦ୍ଦେଶ୍ୟ ତାଙ୍କ ରଚିତ ପ୍ରବନ୍ଧ ଓ ରମ୍ୟ ରଚନାରୁ ଜଣାପଡ଼େ । ଲୋକକଲ୍ୟାଣ ଓ ସମାଜିକ ସଂସ୍କାର ପାଇଁ ସେ ସର୍ବଦା ତତ୍ପର ଥିଲେ । 'ଭାଷା ଓ ଜାତୀୟତା', 'ଶିକ୍ଷା ଓ ସମସ୍ୟା', 'ଦାରିଦ୍ର୍ୟ ଓ ଛାତ୍ର ଜୀବନ', 'ଓଡ଼ିଶାର ବନ୍ୟା ଓ ଦୁର୍ଭିକ୍ଷ', 'ଅଭାବେ ସ୍ୱଭାବ ନଷ୍ଟ', 'ଜାତି ଜାଗରଣ ଲୋଡ଼ା' , 'ଗୋରା କଳା ଭେଦ', 'ସ୍ୱରାଜ ହିଁ ରାଜ୍ୟ', 'ଆତ୍ମଶକ୍ତି' , 'ଗ୍ରାମ୍ୟ ସଂଗଠନ', 'ଖଟିଖିଆଙ୍କ ଦୁର୍ଦ୍ଦଶା', 'ସାହିତ୍ୟ ଓ ସମାଜ' ପ୍ରଭୃତି ହେଉଛି ତାଙ୍କର କେତେକ ସାର୍ଥକ ପ୍ରବନ୍ଧାବଳୀ । ଦୈନିକ ଖବରକାଗଜ ସମାଜ ଓ ମାସିକ ପତ୍ରିକା ସତ୍ୟବାଦୀ ହେଉଛି ତାଙ୍କ ଜୀବନର ଭିନ୍ନ ଏକ ଦିଗ । ସେ ସାହିତ୍ୟିକ ଭାବରେ ଯେତିକି ପ୍ରସିଦ୍ଧି ପାଇଛନ୍ତି ସମ୍ପାଦକ ଓ ସଂଗଠକ ଭାବରେ ମଧ ସେତିକି ସୁନାମ ଅର୍ଜନ କରିଛନ୍ତି । ସମାଜ ଓ ସତ୍ୟବାଦୀ ଦୁଇଟି ସାହିତ୍ୟାସ୍ତ୍ର ଓଡ଼ିଆ ଜାତି, ସମାଜ ଓ ସାହିତ୍ୟ ପ୍ରତି ଢାଲ ସାଜି ନିରବଚ୍ଛିନ୍ନ ଭାବରେ ଆପଣାର କର୍ତ୍ତବ୍ୟ ପାଳନ କରି ଆସୁଛନ୍ତି । ଏପରି ମହାନ୍ ଆତ୍ମାକୁ ଆଜି ସାରା ଉତ୍କଳବାସୀ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।

ଉତ୍କଳ କାହାଣୀକାର ଗୋପାଳ ଚନ୍ଦ୍ର ପ୍ରହରାଜ

କଟକ ଜିଲ୍ଲାର ସିଦ୍ଧେଶ୍ୱରପୁର ଗ୍ରାମର ନରସିଂହ ପ୍ରହରାଜ ଓ ଉମାମଣି ଦେବୀଙ୍କ ସୁପୁତ୍ର ହେଉଛନ୍ତି ଗୋପାଳ ଚନ୍ଦ୍ର ପ୍ରହରାଜ । ୧୯୦୦ ମସିହାରେ ବି.ଏଲ୍ ପାସ୍ କରିବା ପରେ କଟକରେ ପ୍ରଥମେ ଓକିଲାତି କାର୍ଯ୍ୟରେ ପାଦ ଥୋଇଥିଲେ । ମଧୁସୂଦନ ବାବୁ ଥିଲେ ତାଙ୍କ ଗୁରୁ । ଏକଥା ପୂର୍ଣ୍ଣଚନ୍ଦ୍ର ଭାଷାକୋଷର ଏହି ଲେଖାରୁ ଜଣାପଡ଼େ, "ସୌଭାଗ୍ୟ କ୍ରମେ ମୁଁ ଓକିଲାତି ଆରମ୍ଭ କରିବା ବେଳେ ଉତ୍କଳର ଦେଶ ହିତୈକବ୍ରତୀ, କର୍ମନିଷ୍ଠ, ବୟୋବୃଦ୍ଧ ତଥା ଜ୍ଞାନବୃଦ୍ଧ ମିଷ୍ଟର ଦାସଙ୍କୁ ଗୁରୁ ରୂପେ ପାଇବାର ସୁଯୋଗ ପାଇଥିଲି "

(ଭାଷାକୋଷ ୧ମ ଖଣ୍ଡର ଅବତରଣିକା-ପୃଷ୍ଠା ୧)

ପ୍ରହରାଜେ ୧୯୦୦ ରୁ ୧୯୦୭ ମସିହା ୭ବର୍ଷ ପର୍ଯ୍ୟନ୍ତ ମଧୁ ବାବୁଙ୍କ ଠାରୁ ଓକିଲାତି ଶିକ୍ଷା ଶିଖିଥିଲେ । ପରେ ୧୯୦୭ରୁ ୧୯୧୩ ମସିହା ପର୍ଯ୍ୟନ୍ତ ନିଜେ

© 2026 ଡକ୍ଟର ମେନକ ସାହୁ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

ବ୍ୟକ୍ତିଗତ ଭାବରେ ବିଭିନ୍ନ ମକଦ୍ଦମା ଲଢ଼ି ନିଜକୁ ଏକ ବିଶିଷ୍ଟ ଆଇନଜୀବୀ ଭାବରେ ପ୍ରମାଣ କରି ଦେଖାଇଥିଲେ । ଓଡ଼ିଆ ଭାଷା ସାହିତ୍ୟକୁ ବିଶ୍ୱ ଲୋକରେ ପରିଚିତି କରାଇବାରେ ସେ ଥିଲେ ଅନ୍ୟତମ ଓଡ଼ିଆ ଲେଖକ । ଓଡ଼ିଆ ଲୋକକଥା ତଥା ସାହିତ୍ୟକୁ ସମସ୍ତ ଓଡ଼ିଶାବାସୀ କିପରି ବୁଝିପାରିବେ ସେଥିପାଇଁ ସେ ଯଥେଷ୍ଟ ସଚେତନ ଥିଲେ । ତେଣୁ ତାଙ୍କ ସାହିତ୍ୟ ସୃଷ୍ଟି ଗୁଡ଼ିକର ଭାଷା ସରଳ ତଥା ଗ୍ରାମ୍ୟ ପରିଚିତ ଭାଷା ଥିଲା । ଗଳ୍ପ , ପ୍ରବନ୍ଧ ସହିତ ବହୁଭାଷା ପ୍ରଭୃତି କ୍ଷେତ୍ରରେ ତାଙ୍କର ଅପୂର୍ବ ଦକ୍ଷତା ରହିଥିଲା । ତାଙ୍କ ପ୍ରବନ୍ଧରେ ସମାଜ, ସଂସ୍କୃତି, ରାଜନୀତି କଥା ବିଶ୍ଳେଷଣ ତଥା ବ୍ୟଙ୍ଗ ବିଦ୍ରୁପ ଆକାରରେ ଦେଖିବାକୁ ମିଳିଥାଏ । ତାଙ୍କର ସାହିତ୍ୟ କୃତି ମଧ୍ୟରେ ରହିଛି 'ଉତ୍କଳ କାହାଣୀ, 'ବାଇ ମାହାନ୍ତି ପାଞ୍ଜି'(୧୫ଟି ବିଡ଼ା), 'ନନାଙ୍କ ବସ୍ତାନି', 'ବାଇ ନନୀଙ୍କ ବୁଜୁଳୀ', 'ଜେଜେ ବାପାଙ୍କ ଟୁଣିମୁଣି', 'ଭାଗବତ ଟୁଙ୍ଗୀରେ ସଂଧ୍ୟା', 'ଆମ ଘରର ହାଲଚାଲ', 'ଦୁନିଆର ରୀତି', 'ଢଗଢମାଳି ବଚନ'(୧ମ ଭାଗ/ ୨ୟ ଭାଗ), 'ପ୍ରବଚନ' ଓ 'ସାରବଚନ' ଇତ୍ୟାଦି ପ୍ରଧାନ । ଓଡ଼ିଆ ଭାଷା ଓ ସାହିତ୍ୟକୁ ତାଙ୍କର ଅମୂଲ୍ୟ ଅବଦାନ ହେଉଛି 'ଭାଷାକୋଷ' ବା 'ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ' । ଭାଷାକୋଷ ପାଇଁ ସେ ୧୯୧୩ରୁ ୧୯୧୯ ମସିହା ପର୍ଯ୍ୟନ୍ତ ଓଡ଼ିଶା ତଥା ଓଡ଼ିଶା ବାହାରେ ଥିବା ବିଚ୍ଛିନ୍ନ ଓଡ଼ିଆ ଅଞ୍ଚଳକୁ ଗ୍ରସ୍ତ କରି ସେଠାରୁ ବିଭିନ୍ନ ଶବ୍ଦ ସଂଗ୍ରହ କରୁଥିଲେ । ଯାହା ୧୯୩୧ରୁ ୧୯୪୦ ମସିହା ମଧ୍ୟରେ ସାତ ଖଣ୍ଡରେ ପ୍ରକାଶିତ ହୋଇଥିଲା । ଏଥିପାଇଁ ତାଙ୍କ ଓକିଲାତି ଜୀବନ ବହୁ ମାତ୍ରାରେ ପ୍ରଭାବିତ ହୋଇଥିଲା । ଶେଷରେ ଏମିତି ପରିସ୍ଥିତି ଆସିଗଲା ସେ ବାଧ ହୋଇ ଓକିଲାତି ବୃତ୍ତିରୁ ନିବୃତ୍ତ ରହିଥିଲେ ବୋଲି ସେ ନିଜେ ସ୍ୱୀକାର କରିଛନ୍ତି । ଗୋଟିଏ ଜାତିର ଭାଷା, ସାହିତ୍ୟ , ସଂସ୍କୃତି ପ୍ରଭୃତି ପାଇଁ ନିଜକୁ ଏପରି ଉତ୍ସର୍ଗୀକୃତ କରୁଥିବା ବ୍ୟକ୍ତିଙ୍କ ପରିମାଣ ସ୍ୱଳ୍ପ । ଯେ ପର୍ଯ୍ୟନ୍ତ ଓଡ଼ିଆ ଭାଷା, ଜାତି, ସାହିତ୍ୟ, ସଂସ୍କୃତି ରହିଛି ସେ ପର୍ଯ୍ୟନ୍ତ ଏପରି ବ୍ୟକ୍ତି ସର୍ବଦା ଅମର ହୋଇ ରହିଥିବେ ।

ଅଖିଳ ମୋହନ ପଟ୍ଟନାୟକ

ଆଇନ ବୃତ୍ତି ଓ ସାହିତ୍ୟ କୃତୀ ଉଭୟ କ୍ଷେତ୍ରରେ ଅଖିଳ ମୋହନଙ୍କ ପାରିଦର୍ଶିତା ରହିଥିଲା । ୧୯୫୨ ମସିହାରେ କଟକର ମଧୁସୂଦନ ଆଇନ ମହାବିଦ୍ୟାଳୟରୁ ଆଇନରେ ଡିଗ୍ରୀ ହାସଲ କରିଥିଲେ । ୧୯୨୭ ମସିହା ଡିସେମ୍ବର ୧୮ ତାରିଖ ଦିନ ଅଖିଳ ମୋହନ ଖୋର୍ଦ୍ଧା ଠାରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କର ପୂର୍ବ ପୁରୁଷଙ୍କ ମୂଳ ଘର ଢେଙ୍କାନାଳ ଅଞ୍ଚଳରେ ଥିଲା । ଏକଥା ତାଙ୍କ ରଚିତ 'ଗୋଟିଏ କବିତାର ମୃତ୍ୟୁ' ଗଳ୍ପରୁ ଜଣାପଡ଼େ । ଅଖିଳ ମୋହନ ପଟ୍ଟନାୟକ ସାହିତ୍ୟର ଅନ୍ୟାନ୍ୟ ବିଭାଗ ଅପେକ୍ଷା କ୍ଷୁଦ୍ରଗଳ୍ପ ଲେଖାରେ ଅଧିକ ଉତ୍ସାହିତ ଥିଲେ । ଜୀବନକାଳ ମଧ୍ୟରେ ଅନେକ ଗଳ୍ପ, ଗୋଟିଏ ଭ୍ରମଣ କାହାଣୀ ଓ ଗୋଟିଏ ଜୀବନୀ ସାହିତ୍ୟ ରଚନା କରି ସେ ଓଡ଼ିଆ ଭାଷା ସାହିତ୍ୟରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି । 'ଓ ଅନ୍ଧଗଳି', 'ଝଡ଼ର ଇଗଲ ଓ ଧରଣୀର କୃଷ୍ଣସାର', 'ନଦୀର ନାମ ଗଣତନ୍ତ୍ର', 'ପ୍ରଥମ ଓ ଶେଷ' , 'ଅନାଗତ ଫାଲ୍‌ଗୁନ' (ଚିଠି ସଂକଳନ), 'ଅନ୍ୟଦେଶ' (ଭ୍ରମଣ ବୃତ୍ତାନ୍ତ), 'ବାଘରାଣୀ ଖଇରୀ'(ଜୀବନୀ ସଂକଳନ) ହେଉଛି ତାଙ୍କ ସାହିତ୍ୟ ସର୍ଜନାର ଦୃଷ୍ଟାନ୍ତ । ସେ ବୃତ୍ତିରେ ଜଣେ ଆଇନଜୀବୀ ହୋଇଥିବାରୁ ତାଙ୍କ ଗଳ୍ପରେ ନ୍ୟାୟିକ ବ୍ୟବସ୍ଥାକୁ ଗୁରୁତ୍ୱ ଦେବାକୁ ଭୁଲି ନାହାଁନ୍ତି । ଆଇନଗତ ନ୍ୟାୟ ନହେଲେ ମଧ୍ୟ ମାନବିକତା ଦୃଷ୍ଟିରୁ ଯେଉଁଠି, ଯେବେ, ଯେଉଁ ଚରିତ୍ର ଅନ୍ୟାୟ ଓ ଅସୁବିଧା ଭୋଗିଛନ୍ତି ତାକୁ ଶେଷରେ କୌଣସି ନା କୌଣସି ଉପାୟରେ ନ୍ୟାୟ ଦେବାକୁ ଚେଷ୍ଟା କରିଛନ୍ତି ଯାହା 'ଓ ଅନ୍ଧଗଳି', 'ଡିମ୍ବିରି ଫୁଲ', 'ସୁକାନ୍ତ ମହାନ୍ତି', 'ରୁବିର ରୁବାୟିତ', 'ରାଣୀସେନ'ପ୍ରଭୃତି ଗଳ୍ପରୁ ଜଣାପଡ଼େ । 'ଡିମ୍ବିରି ଫୁଲ' ଗଳ୍ପ ଦେଇଛି ତାଙ୍କୁ ଏକ ଭିନ୍ନ ପରିଚୟ । ସାହିତ୍ୟିକ ନ୍ୟାୟ ଦେବାକୁ ଯାଇ ଗୋଟିଏ ଦୁଃଖିନୀ ମାଆର ଦୁଃଖକୁ କିପରି ଲାଘବ କରିଥିଲେ ତାହା ଏହି ଗଳ୍ପରୁ ଜଣାପଡ଼େ । ଗଳ୍ପର ନାୟକ ଅଶୋକକୁ ସଂଜୟରେ ରୂପାନ୍ତରିତ କରି(ମଞ୍ଜୁକୁ ନକରି) ଜଣେ ସଫଳ ତଥା ସଚେତନ ଗାଳ୍ପିକର ପରିଚୟ ଦେଇଛନ୍ତି ଗାଳ୍ପିକ ଅଖିଳ ମୋହନ ପଟ୍ଟନାୟକ । କେବଳ ସେତିକି ନୁହେଁ ତାଙ୍କ ଗଳ୍ପର ଚରିତ୍ରମାନେ ଯେତେ ଅଭାବ ଅସୁବିଧାରେ ଥିଲେ ମଧ୍ୟ କେବେ ସମାଜ ଆଗରେ ମୁଣ୍ଡ ନୁଆଁଇ ଭିକ୍ଷା ବୃତ୍ତିକୁ ଆପଣାଇ ନାହାଁନ୍ତି କିମ୍ବା ପରିସ୍ଥିତିରେ ପଡ଼ି ଚୋରୀ, ହତ୍ୟା, ଡକାୟତି ଭଳି ପାପ କାର୍ଯ୍ୟ କରି ନିଜର ଜୀବନ ନିର୍ବାହ କରି ନାହାଁନ୍ତି । ଅଭାବ ଭିତରେ ରହି କଷ୍ଟ ଯନ୍ତ୍ରଣାରେ ଜୀବନ ବିତାଇଛନ୍ତି ହେଲେ ନିଜର ଆତ୍ମସମ୍ମାନ ଓ ସ୍ୱାଭିମାନକୁ କେବେ ଛାଡ଼ିବା କଥା ଚିନ୍ତା କରି ନାହାନ୍ତି । ଆଇନଜୀବୀ ଦୃଷ୍ଟିରୁ ଯେପରି ସାମାଜିକ ଶାନ୍ତି, ଶୃଙ୍ଖଳା ଉପରେ ଗୁରୁତ୍ୱ ଦେଇଥାନ୍ତି । ସାହିତ୍ୟିକ ଦୃଷ୍ଟିରୁ ସେପରି ସାମାଜିକ ନ୍ୟାୟ ଉପରେ ମଧ୍ୟ ଦୃଷ୍ଟି ନିକ୍ଷେପ କରିଥାନ୍ତି । ତେଣୁ ତାଙ୍କର ଅଧିକାଂଶ ଗଳ୍ପରେ ବିଶୃଙ୍ଖଳା, ଅନ୍ୟାୟ, ଅବିଚାର, ଦେଖିବାକୁ ମିଳେ ନାହିଁ । ବରଂ ସର୍ବଦା ଏକ ସୁସ୍ଥ ସାମାଜର ବାତାବରଣ ଦେଖିବାକୁ ମିଳିଥାଏ ।

ରାଜକିଶୋର ପଟ୍ଟନାୟକ

କଥାକାର ରାଜକିଶୋର ପଟ୍ଟନାୟକ ମଧ୍ୟ ବୃତ୍ତିରେ ଜଣେ ଓକିଲ ଥିଲେ । ୧୯୪୧ରୁ ୧୯୪୩ ମସିହା ପର୍ଯ୍ୟନ୍ତ ସେ ବନରାସ ଠାରେ ଏଲ୍.ଏଲ୍.ଏମ୍(L.L.M) ପଢ଼ି ଶେଷରେ ୧୯୪୭ରୁ ୧୯୫୨ ମସିହା ପର୍ଯ୍ୟନ୍ତ ମଧୁସୂଦନ ଆଇନ କଲେଜ(କଟକ)ରେ ଅଧ୍ୟାପକ ଭାବରେ ନିଯୁକ୍ତି ପାଇଥିଲେ । ଓକିଲାତି ବୃତ୍ତିରେ ରହି ସାହିତ୍ୟ ଲେଖା ପ୍ରତି ରୁଚି ରହିବା ସାଧାରଣ କଥା ନୁହେଁ । କଥାକାର ରାଜ କିଶୋର ପଟ୍ଟନାୟକଙ୍କ ଉଭୟ କ୍ଷେତ୍ରରେ ପାରଙ୍ଗମ ଥିଲେ । ଓକିଲ ବୃତ୍ତି ଓ ସାହିତ୍ୟ ସୃଷ୍ଟି ଉଭୟ କ୍ଷେତ୍ରରେ ସନ୍ତୁଳନ ରଖି ସାହିତ୍ୟ ଜଗତକୁ ଯେପରି ସମୃଦ୍ଧ କରିଛନ୍ତି ବାସ୍ତବରେ ତାହା ପ୍ରଶଂସନୀୟ । 'ଘାସ' ଗଳ୍ପର ଲିଙ୍ଗା ପରି ବାଳକ ଚରିତ୍ରରେ ସଂଘର୍ଷର ଚିତ୍ର ଫୁଟାଇ ଓଡ଼ିଆ ସାହିତ୍ୟ ଜଗତରେ ସେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛନ୍ତି । ଲିଙ୍ଗାର ଆର୍ବିଭାବ ପୂର୍ବରୁ ଓଡ଼ିଆ ସାହିତ୍ୟରେ ବାସ୍ତବତା ଆଧାରିତ ବାଳକ ଜୀବନରେ ସଂଘର୍ଷ କଥା ଉପଲବ୍ଧ ନଥିଲା । ଭାରତୀୟ ଆଇନରେ ବାଲ୍ୟ ଶ୍ରମିକ ବ୍ୟବସ୍ଥା ଏକ ଅପରାଧ ଥିଲେ ମଧ୍ୟ ପରିବାର ପୋଷଣ ପାଇଁ ଯେ ଛୋଟ ବାଳକଟି ଅଣ୍ଟା ଭିଡ଼ିପାରେ ଏକଥା ଅନେକ ଅଳସୁଆ, ଅକର୍ମଣ୍ୟ, ଯୁବପିଢ଼ୀ ବା ସାଧାରଣ ମଣିଷ ପାଇଁ ଉଦାହରଣ ହୋଇପାରେ । ଅନ୍ୟ ଭାବରେ ଦେଖିଲେ ଶାରିରୀକ ସକ୍ଷମ ଓ ଇଚ୍ଛା ଶକ୍ତି ଥିଲେ ସେ ବାଳକ ହୋଇଥିଲେ ମଧ୍ୟ ପରିବାରର ଦାୟିତ୍ୱ ନେଇପାରେ ଏକଥା ଲିଙ୍ଗା ପରି ଚରିତ୍ରରୁ ଅନେକଙ୍କୁ ଉତ୍ସାହିତ କରିବ । ସାମାଜିକ ବାତାବରଣ, ରାଜନୈତିକ ପରିସ୍ଥିତି ଓ ସରକାରୀ ବ୍ୟବସ୍ଥା ଦେଖି ସେ ସମୟରେ ବାଳକ ଜୀବନକୁ ନେଇ 'ଘାସ' ପରି ଗଳ୍ପ ରଚନା କରିବା ବାସ୍ତବରେ ଏକ ଅଭିନବ ପ୍ରୟାସ ।

© 2026 ଡକ୍ଟର ମେନକ ସାହୁ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

ସୃଷ୍ଟିରେ ଯେତେ ସବୁ ଜିନିଷ ମଣିଷ ଆଖିରେ ନ୍ୟୁନ ଓ ଅଦରକାରୀ ଦେଖାଯାଏ ଗାଳ୍ପିକ ରାଜକିଶୋର ପଟ୍ଟନାୟକଙ୍କ ଆଖିରେ ତାହା ଉଚ୍ଚ ତଥା ଦରକାରୀ ଭାବରେ ଗଣ୍ୟ ହୋଇଥାଏ । ସେଥିପାଇଁ ତାଙ୍କ କଥା ସାହିତ୍ୟର କେତେବେଳେ ଘାସର ପ୍ରବେଶ ହୋଇଥାଏ, ଆଉ କେତେବେଳେ ତୁଠ ପଥରର, ପୁଣି କେତେବେଳେ ରାସ୍କେଲ, ପଶୁ , ମୂକ । ତାଙ୍କ ସାହିତ୍ୟ ସୃଷ୍ଟି ମଧ୍ୟରେ ରହିଛି 'ସିନ୍ଦୂର ଗାର', 'ପ୍ରେମିକର ଡାଏରୀ', 'ପ୍ରୀତିର ବଣିଜ', 'ପଞ୍ଜୁରୀ ପକ୍ଷୀ', 'ଚଲାବାଟ', 'ରାସକେଲ୍', 'ଅଡୁଆ ସୂତା', 'ଅଦିନ ଛୁଟୁ', 'ଘାସ', 'ତୁଠ ପଥର', 'ପଥର ଢିମା', 'ହାଟ ବାହୁଡ଼ା', 'ହାଟ ସଉଦା', 'ଧୂଳି', 'ମୂକ', 'ପଶୁ', 'କାନ୍ଥ', 'କାଠ', 'ନିଶାଣଖୁଣ୍ଟ', 'ଶିଳାଗ୍ରାମ', ଇତ୍ୟାଦି । 'ମୋର ଚିଠି ଫାଇଲର ରୂପାନ୍ତରିତ ରୂପ ହେଉଛି 'ପଞ୍ଜୁରୀ ପକ୍ଷୀ ଉପନ୍ୟାସ । ଜୀବନର ସଂନ୍ଧ୍ୟା ହେଉଛି ତାଙ୍କ ଆତ୍ମଜୀବନୀ । ଗୋଆ-ଡାମନ-ଡ୍ୟୁ ନାମକ ଏକ ସାର୍ଥକ ଭ୍ରମଣ ସାହିତ୍ୟର ସ୍ରଷ୍ଟା ମଧ୍ୟ ଥିଲେ କଥାକାର ରାଜକିଶୋର ପଟ୍ଟନାୟକ । 'ଓଡ଼ିଆ ସାହିତ୍ୟର ଆଗପଛ', 'ଲେଖକ ଓ ପାଠକ', 'ଦେଶବନ୍ଧୁ ଚିତ୍ତରଞ୍ଜନ', 'ବିଶ୍ୱ ଧର୍ମ ପରିଚୟ' ପ୍ରଭୃତି ହେଉଛି ତାଙ୍କର ସାର୍ଥକ ସମାଲୋଚନା ସାହିତ୍ୟ । ୧୯୭୧ ମସିହାରେ ପାଠ୍ୟଚକ୍ର ନାମକ ଏକ ଦୈନିକ ସମ୍ବାଦପତ୍ର ପତ୍ରିକା ପ୍ରକାଶିତ କରିଥିଲେ । 'Sorutiny ନାମକ ଏକ ପାକ୍ଷିକ ପତ୍ରିକାର ସମ୍ପାଦନା କାର୍ଯ୍ୟ ମଧ୍ୟ କରୁଥିଲେ । ଲେଖକ, ପ୍ରକାଶକ, ସମ୍ପାଦକ, ସଂଗଠକ ପ୍ରଭୃତି ବହୁ ପ୍ରତିଭା ଅଧିକାରୀ କଥାକାର ରାଜକିଶୋର ପଟ୍ଟନାୟକ ଓଡ଼ିଆ ସାହିତ୍ୟ ପ୍ରତିଭାରେ ଭିନ୍ନ ଏକ ପରିଚିତ ଚେହେରା ।

ବାରିଷ୍ଟର ଗୋବିନ୍ଦ ଦାସ

ଗୋବିନ୍ଦ ଦାସ ବିଭିନ୍ନ ପ୍ରକାରର ସମସ୍ୟରେ ରହି ମଧ୍ୟ ଆଇନ୍ ପାଠରେ ଉତ୍ତୀର୍ଣ୍ଣ ହୋଇଥିଲେ । ଇଂଲଣ୍ଡରୁ ବାରିଷ୍ଟର ପାଠ ପଢ଼ି ଆସିଥିବା ଗୋବିନ୍ଦ ଦାସଙ୍କର ଓଡ଼ିଆ ସାହିତ୍ୟକୁ ଯେଉଁ ଅବଦାନ ରହିଛି ବାସ୍ତବରେ ତାହା ଅତୁଳନୀୟ । ତାଙ୍କ ଆତ୍ମଜୀବନୀ 'ସାନ ଗୋଟିଏ ଜୀବନ'ରୁ ସ୍ପଷ୍ଟ ଜଣାପଡ଼େ ଯେ, ସେ ଆଇନ୍ ପଢ଼ା ସମୟରୁ ଓକିଲାତି ବୃତ୍ତି ମଧ୍ୟରେ କେତେ ସମସ୍ୟାରେ ସମ୍ମୁଖିନ ହୋଇ ନିଜର ଜୀବନକୁ କିପରି ସନ୍ତୁଳିତ କରି ଚାଲିଥିଲେ ଏବଂ ତାହା ମଧ୍ୟରେ କିପରି ସାହିତ୍ୟ ରଚନା କରୁଥିଲେ ବାସ୍ତବରେ ତାହା ଆଶ୍ଚର୍ଯ୍ୟ ଓ ପ୍ରଶଂସନୀୟ । ସାହିତ୍ୟ ଲେଖାଲେଖି ସମୟରେ ତାଙ୍କର ଓକିଲାତି ବୃତ୍ତିରେ ସେତେ ଉଚ୍ଚ ଧରଣର ନାମ ହୋଇ ନଥିଲ । ପରବର୍ତ୍ତୀ ସମୟରେ ସେ ଓକିଲାତି ବୃତ୍ତିରେ ଶୀର୍ଷ ଆଡ଼କୁ ଅଗ୍ରସର ହୋଇଥିଲେ । ଟାଟା, ବିରଳା , ଡାଲମିୟା, ପରି ଅନ୍ୟ କେତକ ଘରୋଇ କମ୍ପାନୀର ଓକିଲ ଭାବରେ ନିଯୁକ୍ତି ହୋଇ ନିଜର ଏବଂ ନିଜ ପିତାମାତାଙ୍କ ଅଭିଳାଷକୁ ପୂର୍ଣ୍ଣ କରିବାରେ ସକ୍ଷମ ହୋଇଥିଲେ । ତଥାପି ସେ ଓକିଲାତି ବୃତ୍ତି ସହ ସାହିତ୍ୟ ସୃଷ୍ଟିକୁ ଏପରି ଭାବରେ ପରିଚାଳିତ କରୁଥିଲେ ଯାହା ଅତ୍ୟନ୍ତ ପ୍ରେରଣାଦାୟୀ । ସେ ଭାରତ ସରକାରଙ୍କ ତରଫରୁ ଜୁନିଅର ଷ୍ଟାଣ୍ଡିଂ କାଉନସେଲ୍ ଭାବରେ ମଧ୍ୟ ନିଯୁକ୍ତି ପାଇଥିଲେ । 'ଅମାବାସ୍ୟାର' ଚନ୍ଦ୍ର ଉପନ୍ୟାସ ସହିତ କୋଟିଆ କନ୍ଧ ଜୀବନାଦୃତ ଆଦିବାସୀ ଉପନ୍ୟାସ 'ଲାସୁ' ଓ ଆମେରିକାର ମଣିଷମାନଙ୍କ ମଧ୍ୟରେ ଯେଉଁ ସଂପର୍କ ତାକୁ ଆଧାରିତ କରି 'ଭଗ୍ନାଂଶ' ଉପନ୍ୟାସ ରଚନା କରିଛନ୍ତି । ତାଙ୍କର 'ଜାତକା' ନାମରେ ଏକ କବିତା ସଂକଳନ ସହିତ 'ମିଶ୍ରରାଗା' ନାମରେ ଏକ ଗଳ୍ପ ସଂକଳନ ମଧ୍ୟ ରହିଛି । ଇଂଲଣ୍ଡରୁ ଫେରିବା ସମୟରେ ଯେଉଁ ଯେଉଁ ଦେଶରେ ସମୟ ଅତିବାହିତ କରି ଆସିଥିଲେ ଏବଂ ସେଥିରୁ ପାଇଥିବା ଅଭିଜ୍ଞତାକୁ ନେଇ ଦେଶେ ଦେଶେ ନାମରେ ଏକ ଭ୍ରମଣ ସାହିତ୍ୟ ସୃଷ୍ଟି କରିଥିଲେ । ଏପରି ସାହିତ୍ୟ ଅନୁରାଗୀକୁ ଗୋପୀନାଥ ମହାନ୍ତି ଥରେ କହିଥିଲେ, ତୁ ଓଡ଼ିଆ ସାହିତ୍ୟ ପାଇଁ କଣ କରିଛୁ ଜାଣୁ ?

ଗଙ୍ଗାଧର ରଥ

ଛାତ୍ର ଆନ୍ଦୋଳନ, ଜନ ଆନ୍ଦୋଳନ, ରାଜନୈତିକ, ସାମ୍ବାଦିକତା, ସମାଜସେବା ପ୍ରଭୃତିରେ ଅଭିଜ୍ଞତା ହାସଲକାରୀ ଗଙ୍ଗାଧର ରଥ ୧୯୫୪ ମସିହା ବେଳକୁ ଆଇନ୍ ପାଢ଼ାରୁ ଉତ୍ତୀର୍ଣ୍ଣ ହୋଇଥିଲେ । ଜଣେ ଖ୍ୟାତିସମ୍ପନ୍ନ ଓକିଲ ଭାବରେ ସେ ଭାରତୀୟ ସ୍ତରରେ ସୁନାମ ଅର୍ଜନ କରିଥିଲେ । ତାଙ୍କର ବଳିଷ୍ଠ ଯୁକ୍ତି ଆଗରେ ସୁପ୍ରିମକୋର୍ଟର ବିଚାରପତି ମଧ୍ୟ ପରାଜୟ ସ୍ୱୀକାର କରୁଥିଲେ । ଦୀର୍ଘ ୧୪ ବର୍ଷ ଧରି ଓଡ଼ିଶା ଆଡଭୋକେଟ୍ ଜେନେରାଲ ଭାବରେ କାର୍ଯ୍ୟରତ ଥିବା ଗଙ୍ଗାଧର ରଥଙ୍କର ଓଡ଼ିଆ ଭାଷାସାହିତ୍ୟ ପ୍ରତି ରହିଛି ଯଥେଷ୍ଟ ଅବଦାନ । ଭ୍ରମଣ କାହାଣୀ, ଗଳ୍ପ, ଜୀବନୀ, ଆତ୍ମଜୀବନୀ, ପତ୍ରିକା ସମ୍ପାଦକ ଆଦିରେ କଲମ ଚାଳନା କରି ଓଡ଼ିଆ ଭାଷା ଓ ସାହିତ୍ୟକୁ ସମୃଦ୍ଧ କରିବାରେ ସେ ଥିଲେ ଓଡ଼ିଶାର ଅନ୍ୟତମ ଆଇନଜୀବୀ । ତାଙ୍କ ସାହିତ୍ୟ ରଚନାରେ ଓଡ଼ିଶାର ଶିକ୍ଷା, ସଂସ୍କୃତି, ସମାଜ, ସ୍ୱାଧୀନତା ସଂଗ୍ରାମ, ସମ୍ବିଧାନ, ବ୍ୟକ୍ତି ପ୍ରତିଭା ପରି ଅନେକ ପ୍ରସଙ୍ଗ ଦେଖିବାକୁ ମିଳେ । ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁଙ୍କ ବ୍ୟକ୍ତିତ୍ୱ ବିଶ୍ଳେଷଣ କରି ସେ 'ଜନନାୟକ ଜବାହରଲାଲ' ନାମକ ଏକ ଜୀବନୀ ସାହିତ୍ୟ ରଚନା କରିଛନ୍ତି । ଭାରତର ସମ୍ବିଧାନକୁ ନେଇ ରଚନା କରିଛନ୍ତି 'ଭାରତୀୟ ସମ୍ବିଧାନ' । ବାଖରବାଦର 'ଗୁଣ୍ଡା', 'ନିଷ୍ପତ୍ତି', 'ତା'ପରେ?' ହେଉଛି ତାଙ୍କର ତିନୋଟି ସାର୍ଥକ ଗଳ୍ପ ରଚନା । 'ବାଖରବାଦର ଗୁଣ୍ଡାରେ ଗୁଣ୍ଡାମାନଙ୍କ ଜୀବନକୁ ସମାଜର ଭଦ୍ର ମୁଖାପିନ୍ଧା ବଡ଼ବଡ଼ିଆମାନେ କିପରି ନିୟନ୍ତ୍ରଣ କରନ୍ତି ଏବଂ ଶେଷରେ ସେମାନଙ୍କ ଜୀବନକୁ କିପରି ଅନ୍ଧାର ଘରକୁ ଠେଲି ଦିଅନ୍ତି ତାହାର ଏକ ସାର୍ଥକ ଉଦାହରଣ ହେଉଛି ଏହି ଗଳ୍ପ । ସେହିପରି 'ନିଷ୍ପତ୍ତି' ଗଳ୍ପରେ ରହିଛି ଦେଶ ଓ ସମାଜର ବାସ୍ତବ କଥା । 'ଭାରତରେ ବ୍ରିଟିଶ ରାଜ' ହେଉଛି ତାଙ୍କର ଇତିହାସ ସମ୍ବନ୍ଧିତ ଏକ ଉଚ୍ଚମାନର ପୁସ୍ତକ । ଏଥିରେ ଅଢେଇଶ ବର୍ଷର ଭାରତୀୟ ଜନଜୀବନର ଚିତ୍ର ରହିଛି । ଜୀବନର ବହୁ ଅଭିଜ୍ଞତାକୁ ପାଥେୟ କରି ସେ 'ଭୁଲି ନାହିଁ' ନାମକ ଏକ ଆତ୍ମ କଥା ଲେଖି ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ସର୍ବଦା ସ୍ମରଣୀୟ ହୋଇ ରହିଛନ୍ତି ।

ନିଷ୍କର୍ଷ

ଆଲୋଚ୍ୟ ବ୍ୟକ୍ତି ବିଶେଷଙ୍କୁ ଛାଡ଼ି ଅନେକ ଆଇନଜୀବୀ ଅଛନ୍ତି ଯେଉଁମାନେ ଉନବିଂଶ ଶତାବ୍ଦୀରୁ ବର୍ତ୍ତମାନ ପର୍ଯ୍ୟନ୍ତ ଓକିଲାତି ବୃତ୍ତିରେ କର୍ମରତ ରହି ମଧ୍ୟ ଯଥା ସମ୍ଭବ ସାହିତ୍ୟ ସୃଷ୍ଟି କରୁଛନ୍ତି । ସାହିତ୍ୟକୁ ସମାଜର ଅଙ୍ଗ ଭାବରେ ଗ୍ରହଣ କରି ତତସମ୍ବନ୍ଧୀୟ କର୍ତ୍ତବ୍ୟକୁ ଉତ୍ତମ ଭାବରେ ପାଳନ କରୁଛନ୍ତି । ବିଭିନ୍ନ ସାହିତ୍ୟାନୁଷ୍ଠାନ, ପତ୍ରପତ୍ରିକା, ପୁସ୍ତକ ପ୍ରକାଶନ ପରି ଅନେକ ସଂସ୍ଥାରେ ଜଡ଼ିତ ହୋଇ ଓଡ଼ିଆ ଭାଷା ଓ ସାହିତ୍ୟର ସେବା କରୁଛନ୍ତି । ରାମ ଶଙ୍କର ରାୟ , ବିଶ୍ୱନାଥ ମିଶ୍ର, ଭଗବତୀ ଚରଣ ପାଣିଗ୍ରାହୀ, ରମାଦେବୀ ଚୌଧୁରୀ, ଗୋଦାବରୀଶ ମିଶ୍ର , ହରିହର ମିଶ୍ର ,

© 2026 ଡକ୍ଟର ମେନନ ସାହୁ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

ରବି ରାୟ , ବ୍ରହ୍ମାନନ୍ଦ ପଣ୍ଡା, ବିଶ୍ୱଭୂଷଣ ହରିଚନ୍ଦନ, ମଙ୍ଗଳୁ ଚରଣ ବିଶ୍ୱାଳ, ସମେତ ଅନେକ ସାହିତ୍ୟିକ/ସାହିତ୍ୟିକ ଅଛନ୍ତି ଯେଉଁମାନେ ଆଇନ୍ ବିଦ୍ୟା ହାସଲ କରି କିମ୍ବା ଆଇନ୍ ବୃତ୍ତିରେ ରହି ସାହିତ୍ୟ ଲେଖାରେ ମନୋନିବେଶ କରି ଓଡ଼ିଆ ସାହିତ୍ୟ ଭଣ୍ଡାରକୁ ରୁଦ୍ଧିମନ୍ତ କରିଛନ୍ତି ।

ସ୍ୱାଧୀନତା ପୂର୍ବବର୍ତ୍ତୀ ସମୟରୁ ଆଇନଜୀବୀମାନେ ସାହିତ୍ୟ ଲେଖା ଆରମ୍ଭ କରି ବର୍ତ୍ତମାନ ପର୍ଯ୍ୟନ୍ତ ଅବ୍ୟାହତ ଭାବରେ ଲେଖି ଆସୁଛନ୍ତି । ସାମାଜିକ ଗଣମାଧ୍ୟମଗୁଡିକର ବହୁଳ ପ୍ରସାର ହେତୁ ହୁଏତ ପୂର୍ବ ପରି ଲେଖା ଗୁଡିକ ପତ୍ରିକା କିମ୍ବା ପୁସ୍ତକ ଆକାରରେ ପ୍ରକାଶିତ ହୋଇ ପାରୁ ନାହିଁ ସତ କିନ୍ତୁ ଲେଖା ହେଉଛି । ଆଜିର ଆଧୁନିକ ସମୟରେ ଯିଏ ସାହିତ୍ୟ ଲେଖାଟିଏ ଲେଖୁଥାଏ ସେ ପ୍ରକାଶକ ସଂସ୍ଥା ଉପରେ ନିର୍ଭର ନକରି ଯଥାଶୀଘ୍ର ନିଜର ସାମାଜିକ ଗଣମାଧ୍ୟମର ଜରିଆରେ ଲୋକଙ୍କ ପାଖକୁ ପଠାଇ ଦେବାରେ ସଫଳ ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି ଯେ ଆଇନଜୀବୀମାନେ ନିଜର କର୍ମମୟ ଜୀବନ ମଧ୍ୟରୁ ସମୟ ବାହାର କରି ସାହିତ୍ୟ ପାଇଁ ଉତ୍ସର୍ଗୀକୃତ ହେଉଛନ୍ତି ଯାହା ଆମ ସାଧାରଣଲୋକଙ୍କ ପାଇଁ ପ୍ରେରଣାଦାୟକ । ଏ କ୍ଷେତ୍ରରେ ପ୍ରାରମ୍ଭରୁ ଏ ପର୍ଯ୍ୟନ୍ତ ଅନୁଧାନ କଲେ ଜଣାପଡ଼େ ଆଇନ୍ ବୃତ୍ତିରେ ରହି ସାହିତ୍ୟ ସୃଷ୍ଟି କରିବାରେ ପୁରୁଷମାନଙ୍କ ତୁଳନାରେ ମହିଳାମାନଙ୍କର ସଂଖ୍ୟା ସ୍ୱଳ୍ପ ରହିଛି । କେବଳ ଆଇନଜୀବୀ ନୁହଁନ୍ତି ଏମିତି ଅନେକ ଲୋକ ଅଛନ୍ତି ଯେଉଁମାନଙ୍କ ଠାରୁ ଆମେ ଶିଖିବା ଉଚିତ ଯେ, ଆମ ଭାଷା ଓ ସାହିତ୍ୟ ପ୍ରତି ଆମର କର୍ତ୍ତବ୍ୟ ବା ଉତ୍ତରଦାୟିତ୍ୱ କ'ଣ ରହିଛି ?

ସହାୟକ ପୁସ୍ତକାସୂଚୀ

1. ଦାସ ନବକିଶୋର। ଜାତୀୟ ଗୌରବ ମଧୁସୂଦନ। କଟକ: ବିଦ୍ୟାପୁରୀ; 1995.
2. ଦାଶ ଦେବେନ୍ଦ୍ର, ସମ୍ପାଦକ। ଉତ୍କଳମଣି ଗୋପବନ୍ଧୁ ଗ୍ରନ୍ଥାବଳୀ। ପ୍ରଥମ ଖଣ୍ଡ। କଟକ: ଗ୍ରନ୍ଥ ମନ୍ଦିର; 2003.
3. ଦାସ ପଣ୍ଡିତ ସୂର୍ଯ୍ୟନାରାୟଣ। ଯୁଗପୁରୁଷ ଗୋପବନ୍ଧୁ ଦାସ। କଟକ: ଷ୍ଟୁଡେଣ୍ଟ୍ ଷ୍ଟୋର; 1972.
4. ରାଜଗୁରୁ ସତ୍ୟନାରାୟଣ, ସଂକଳକ। ଗୋପବନ୍ଧୁ ରଚନାବଳୀ। ଦ୍ୱିତୀୟ ଭାଗ: ପ୍ରବନ୍ଧ। ଭୁବନେଶ୍ୱର: ଓଡ଼ିଶା ସାହିତ୍ୟ ଏକାଡେମୀ; 1980.
5. ଆଚାର୍ଯ୍ୟ ସୁଦର୍ଶନ, ସମ୍ପାଦକ। ଗୋପାଳ ଚନ୍ଦ୍ର ପ୍ରହରାଜ: ବ୍ୟକ୍ତି ଓ ବ୍ୟକ୍ତିତ୍ୱ। କଟକ: ଫ୍ରେଣ୍ଡସ୍ ପବ୍ଲିଶର୍ସ; 2010.
6. ପଟ୍ଟନାୟକ ରାଜକିଶୋର। ଜୀବନର ସନ୍ଧ୍ୟା। କଟକ: ଗୀତାଞ୍ଜଳି ପ୍ରେସ୍; 1984.
7. ଦାସ ବାରିଷ୍ଟର ଗୋବିନ୍ଦ। ସାନ ଗୋଟିଏ ଜୀବନ। କଟକ: ଓଡ଼ିଶା ବୁକ୍ ଷ୍ଟୋର; 2006.
8. ସାହୁ ମେନନ। ଅଖିଳ ମୋହନ ପଟ୍ଟନାୟକଙ୍କ ଗଳ୍ପରେ ଯୁଗଯନ୍ତ୍ରଣାର ଚିତ୍ର। ଭୁବନେଶ୍ୱର: ଏଥେନା ପବ୍ଲିକେଶନ; 2023.
9. ସିଂହ ବିଜୟାନନ୍ଦ। ଗଙ୍ଗାଧର ରଥ। ଭୁବନେଶ୍ୱର: ଓଡ଼ିଶା ସାହିତ୍ୟ ଏକାଡେମୀ; 2015.

Creative Commons License

This article is an open-access article distributed under the terms and conditions of the Creative Commons Attribution–Non-commercial–No Derivatives 4.0 International (CC BY-NC-ND 4.0) License. This license permits users to copy and redistribute the material in any medium or format for non-commercial purposes only, provided that appropriate credit is given to the original author(s) and the source. No modifications, adaptations, or derivative works are permitted.

About the Author



ଡକ୍ଟର ମେନନ ସାହୁ ଓଡ଼ିଶାର ଭୁବନେଶ୍ୱରସ୍ଥିତ ଉତ୍କଳ ବିଶ୍ୱବିଦ୍ୟାଳୟର ଶିକ୍ଷକ ଶିକ୍ଷା ବିଭାଗରେ ସହକାରୀ ପ୍ରଫେସର ଭାବେ କାର୍ଯ୍ୟରତ। ତାଙ୍କର ଶୈକ୍ଷିକ ଆଗ୍ରହର କ୍ଷେତ୍ରଗୁଡ଼ିକ ମଧ୍ୟରେ ଶିକ୍ଷକ ଶିକ୍ଷା, ଶିକ୍ଷାଗତ ଗବେଷଣା, ଶିକ୍ଷାଦାନ ପଦ୍ଧତି ଏବଂ ଶିକ୍ଷାର ଗୁଣାତ୍ମକ ବିକାଶ ଅନ୍ତର୍ଭୁକ୍ତ। ସେ ଶିକ୍ଷାଦାନ ଓ ଗବେଷଣା ମାଧ୍ୟମରେ ଶିକ୍ଷା କ୍ଷେତ୍ରର ଉନ୍ନତି ପାଇଁ ଉଦ୍ୟମରତ।

© 2026 ଡକ୍ଟର ମେନନ ସାହୁ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/